PUCL

# PEOPLE'S UNION FOR CIVIL LIBERTIES

**332, Patpar Ganj, Opposite Anand Lok Apartments (Gate No. 2), Mayur Vihar-I, Delhi 110 091**
**Founder**: Jayaprakash Narayan; **Founding President:** V M Tarkunde
**President**: **Ms. Kavita Srivastava** (Rajasthan); **General Secretary**: **V Suresh** (Tamil Nadu);
E.mails:<puclnat@gmail.com>, Please visit our website: www.pucl.org

**ପ୍ରେସ ବିଜ୍ଞପ୍ତି**
**ତାରିଖ ୧୫.୧୨.୨୦୨୫**

**ପିପୁଲ୍ସ ୟୁନିଅନ ଫର୍ ସିଭିଲ୍ ଲିବର୍ଟିଜ୍ (ପିୟୁସିଏଲ୍)**

## ବେଦାନ୍ତ କମ୍ପାନୀର ସିଜିମାଳି ବକ୍ସାଇଟ ପ୍ରକଳ୍ପ ପାଇଁ ପଞ୍ଚମ ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ଅଧିଗ୍ରହଣ ତଥା ସ୍ଥାନୀୟ ଗ୍ରାମବାସୀଙ୍କ ଗିରଫ ଓ ଦମନ ବିରୁଦ୍ଧରେ ଦେଶବ୍ୟାପୀ ଓକିଲଙ୍କ ପ୍ରତିବାଦ

ଗତ ୧୪.୧୨.୨୦୨୫ରେ ଓଡ଼ିଶା ଓକିଲଙ୍କ ନେତୃତ୍ୱରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୨୫ ଜଣରୁ ଉର୍ଦ୍ଧ୍ୱ ଓକିଲ, ଆଇନ ବିଶାରଦ ଓ ଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ଆବେଦନ ପତ୍ର ଓଡ଼ିଶାର ରାଜ୍ୟପାଳ ଓ ପୁଲିସ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଆବେଦନ ପତ୍ରରେ ପଞ୍ଚମ ଅନୁସୂଚିତ ଅଞ୍ଚଳର ଜମି ଓ ନାଗରିକଙ୍କ ସୁରକ୍ଷା, କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ବେଦାନ୍ତର ସିଜିମାଳି ଖଣି ପ୍ରକଳ୍ପ ନିମନ୍ତେ ଜିଲ୍ଲା ପ୍ରଶାସନ ଦ୍ୱାରା ସୃଷ୍ଟି କରାଯାଇଥିବା ଭୟର ବାତାବରଣର ନିୟନ୍ତ୍ରଣ ଏବଂ ଓଡ଼ିଶାରେ ଆଇନର ଶାସନ ବଜାୟ ରଖିବା ପାଇଁ ସେମାନଙ୍କର ଯେଉଁ ସାମ୍ବିଧାନିକ ଦାୟିତ୍ୱ ରହିଛି, ତାହା ନିର୍ବାହ କରିବା ପାଇଁ ସେମାନଙ୍କୁ ଅନୁରୋଧ କରାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ସରକାର ବେଦାନ୍ତର ସିଜିମାଳି ଖଣି ପ୍ରକଳ୍ପ ଉଦ୍ଦେଶ୍ୟରେ କମ୍ପାନୀକୁ ରାୟଗଡ଼ା ଓ କଳାହାଣ୍ଡି ଭଳି ଅନୁସୂଚିତ ଅଞ୍ଚଳରେ ମୋଟ ୧୫୪୮.୭୮୬ ହେକ୍ଟର ଜମି ଲିଜ୍ ସୂତ୍ରରେ ଦେଇଛନ୍ତି । ସେଥିମଧ୍ୟରୁ ଜଙ୍ଗଲ ଜମିର ପରିମାଣ ହେଉଛି ୭୦୮.୨୪ ହେକ୍ଟର । ଗତ ୦୨.୧୨.୨୦୨୫ରେ କେନ୍ଦ୍ର ସରକାରଙ୍କର ଜଙ୍ଗଲ ଉପଦେଷ୍ଟା କମିଟିର ବୈଠକରେ ଉକ୍ତ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ କମ୍ପାନୀକୁ ପ୍ରାଥମିକ (ଷ୍ଟେଜ ୱାନ୍ ) ଅନୁମୋଦନ ଦିଆଯାଇଛି ।

ସୂଚନା ଯୋଗ୍ୟ, ବେଦାନ୍ତର ବକ୍ସାଇଟ ଖଣି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବହୁପ୍ରକାରର ସମସ୍ୟା ରହିଛି । ପ୍ରଥମରେ, ଗ୍ରାମବାସୀଙ୍କ ପ୍ରାକ୍ ସହମତି ଓ ପରାମର୍ଶ ବିନା କମ୍ପାନୀକୁ ଜମି ଲିଜ୍ ଦିଆଯାଇଛି । ଲିଜ୍ ଜମିର ପାଖାପାଖି ଅଧେ ଜମି ଜଙ୍ଗଲ ତଥା ସର୍ବସାଧାରଣ ଜମି । ଏହା ଉପରେ ସ୍ଥାନୀୟ ଆଦିବାସୀ ଓ ଦଳିତ ସମୁଦାୟଙ୍କ ଜୀବିକା ନିର୍ଭରଶୀଳ । ଏହି ଜମି ମଧ୍ୟ ଜଙ୍ଗଲ ସଂରକ୍ଷଣ ଆଇନ, ୧୯୮୦, ରେଗୁଲେସନ ୨/୧୯୫୬, ପେଶା ଆଇନ, ୧୯୯୬ ଓ ଜଙ୍ଗଲ ଆଇନ, ୨୦୦୬ ଦ୍ୱାରା ପରିଚାଳିତ ଯାହାର ସ୍ଥାନାନ୍ତରଣ ପାଇଁ ନିର୍ଭରଶୀଳ ଗ୍ରାମବାସୀଙ୍କର ଅବଗତିମୂଳକ ତଥା ମୁକ୍ତ ସହମତି ଅପରିହାର୍ଯ୍ୟ । ଦ୍ୱିତୀୟରେ, ଆଇନ ଅନୁଯାୟୀ ଉଦ୍ଦିଷ୍ଟ ଲୋକ ସହମତି ହାସଲ କରିବା ପାଇଁ ସଶସ୍ତ୍ର ପୁଲିସ ବଳ ତଥା କମ୍ପାନୀ କର୍ମଚାରୀଙ୍କ ଉପସ୍ଥିତିରେ ଏବଂ ସରକାର ଓ କମ୍ପାନୀ ସଲାସୁତ୍ରରାରେ ଦଶ ଦଶଟି ନକଲି ଗ୍ରାମସଭା ଅନୁଷ୍ଠିତ କରାଗଲା । ତୃତୀୟରେ, ବେଦାନ୍ତ କମ୍ପାନୀକୁ ଜମି ଦେବା ପାଇଁ ଇଡ୍‌କୋ ଅଧୀନରେ ପରିଚାଳିତ ଜମି ବ୍ୟାଙ୍କକୁ ସିଜିମାଳି ଅଞ୍ଚଳର ଜମିକୁ ହସ୍ତାନ୍ତର କରାଗଲା । ଚତୁର୍ଥରେ, ଗ୍ରାମସଭା ଅନୁଷ୍ଠିତ ହେବା ପୂର୍ବରୁ ପରିବେଶ ପ୍ରଭାବ ଆକଳନ ବିବରଣୀ ପ୍ରସ୍ତୁତ କରାଯାଇଥିଲା ଯେଉଁଥିରେ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳର ଜଳଉତ୍ସ, ଚିରନ୍ତନ ଝରଣା ଏବଂ ଜଙ୍ଗଲୀ ଜୀବଜନ୍ତୁ ଓ ଉଦ୍ଭିଦର ଉପସ୍ଥିତିକୁ ଅଣଦେଖା କରାଯାଇଥିଲା । କିନ୍ତୁ ସ୍ଥାନୀୟ ବାସିନ୍ଦା ପ୍ରକଳ୍ପ ସଂକ୍ରାନ୍ତ ଅନୁଷ୍ଠିତ ଜନଶୁଣାଣୀରେ ଏ ସମ୍ବନ୍ଧରେ ଅଭିଯୋଗ ଉତ୍ଥାପନ କରିଥିଲେ ।
ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ୨୦୨୩ ମସିହାର ମଧ୍ୟଭାଗରୁ ଅଦ୍ୟାବଧି ପ୍ରକଳ୍ପ ପ୍ରଭାବିତ ଗାଁମାନଙ୍କରେ ବେଦାନ୍ତ କମ୍ପାନୀ ଦ୍ୱାରା ନିୟୋଜିତ ମୈତ୍ରୀ ନାମକ ଠିକା କମ୍ପାନୀର କର୍ମକର୍ତ୍ତା ତଥା ସ୍ଥାନୀୟ ପୁଲିସର ଉପସ୍ଥିତି ହେତୁ ସମଗ୍ର ଅଞ୍ଚଳରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି । ବିଶେଷକରି, ଖଣି ଖନନ ପାଇଁ ଜମି ଅଧିଗ୍ରହଣ ସପକ୍ଷରେ ଜନମତକୁ ନେବା ପାଇଁ କମ୍ପାନୀ କର୍ମକର୍ତ୍ତାମାନଙ୍କର ପ୍ରଲୋଭନ ଓ ଧମକ ତଥା ସ୍ଥାନୀୟ ପୁଲିସର ଦମନ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ଏକ ଅଭିଶାପରେ ପରିଣତ ହୋଇଛି । ତଥାପି, ନିଜର ଜୀବନଜୀବିକା ଓ ପରିବେଶର ସୁରକ୍ଷା ପାଇଁ ସ୍ଥାନୀୟ ବାସିନ୍ଦା ଖଣି ପ୍ରକଳ୍ପକୁ ଲଗାତର ବିରୋଧ କରିଆସୁଛନ୍ତି । ଏପରିକି ସରକାର ଓ କମ୍ପାନୀ ପ୍ରାୟୋଜିତ ନକଲି ଗ୍ରାମସଭାକୁ ବିରୋଧ କରି ଗତ ସେପ୍ଟେମ୍ବର ୨୦୨୪ରେ ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଗ୍ରାମସଭା ଆୟୋଜନ କରି ଖଣି ପ୍ରକଳ୍ପକୁ ବାତିଲ କଲେ ।
ଗତ ୨୦୨୩ରୁ ୨୦୨୫ ମଧ୍ୟରେ ପ୍ରତିବାଦ ହେତୁ ଜିଲ୍ଲା ପୁଲିସର ଦମନ, ନିର୍ଯ୍ୟାତନା, ଅଟକ, ଗିରଫ ଓ ପୁନଃ ଗିରଫ ଲୋକମାନଙ୍କୁ ସମଗ୍ର ଖଣି ପ୍ରକଳ୍ପ ଅଞ୍ଚଳ ଜନସାଧାରଣଙ୍କୁ ଆକ୍ରାନ୍ତ କରିପକେଇଛି । ସମଗ୍ର ଅଞ୍ଚଳ ଆଇନ ସୁରକ୍ଷାକାରୀଙ୍କ ଆତଙ୍କରେ ଜର୍ଜରିତ । ଆଇନର ଶାସନ ଭୁଷୁଡ଼ି ପଡ଼ିଛି କହିଲେ ଅତିରଞ୍ଜନ ହେବ ନାହିଁ । ଏପରିକି ଗିରଫ ଭୟରେ ସ୍ଥାନୀୟ ବାସିନ୍ଦା ଡାକ୍ତରଖାନା ବା

PUCL

# PEOPLE'S UNION FOR CIVIL LIBERTIES

332, Patpar Ganj, Opposite Anand Lok Apartments (Gate No. 2), Mayur Vihar-I, Delhi 110 091
**Founder**: Jayaprakash Narayan; **Founding President:** V M Tarkunde
**President**: **Ms. Kavita Srivastava** (Rajasthan); **General Secretary**: **V Suresh** (Tamil Nadu);
E.mails:<puclnat@gmail.com>, Please visit our website: www.pucl.org

ହାଟବାଟକୁ ଯିବା ପାଇଁ ଭୟଭୀତ । ଗିରଫ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ପରିଣାମତଃ, ସାଧାରଣ ଜୀବନ କାଟିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି । ଯେଉଁମାନଙ୍କୁ ପୁଲିସ ଗିରଫ କରିନେଇଛି, ବେଦାନ୍ତ କମ୍ପାନୀ ବିରୁଦ୍ଧରେ ନଯିବା ପାଇଁ ପୁଲିସ ସେମାନଙ୍କୁ ଧମକ ଦେଉଛି ବା ଗାଳିଫଜିତ କରୁଛି । ଅଧିକରୁ ଅଧିକ ଲୋକଙ୍କୁ ଉଠେଇନେଇ ଜେଲରେ ପୁରେଇଦେବା ପାଇଁ ପୁଲିସର ଧମକ ଲଗାତର ଚାଲିଛି । ବର୍ତ୍ତମାନ ସୁଦ୍ଧା ୯ଜଣରୁ ଊର୍ଦ୍ଧ୍ୱ ନେତୃସ୍ଥାନୀୟ ଗ୍ରାମବାସୀ ଜେଲରେ ଅଛନ୍ତି ।

**ଏହି ପ୍ରରିପ୍ରେକ୍ଷୀରେ ସ୍ଥାନୀୟ ଜନ ସମୁଦାୟ ଦାବି କରନ୍ତି,**

**୧. ବେଦାନ୍ତକୁ ଦିଆଯାଇଥିବା ଲିଜ୍‌ର ତୁରନ୍ତ ପୁନଃସମୀକ୍ଷା ।**
**୨. ପ୍ରକଳ୍ପକୁ ବିରୋଧ କରୁଥିବା ସମସ୍ତ ଗ୍ରାମବାସୀଙ୍କ ବିରୁଦ୍ଧରେ ଦାଖଲ ହୋଇଥିବା ମାମଲାର ପ୍ରତ୍ୟାହାର ଓ ଗିରଫ ବନ୍ଦ ।**
**୩. ଏକ ଭୟମୁକ୍ତ ବାତାବରଣରେ ଗ୍ରାମସଭାର ସ୍ୱେଚ୍ଛାକୃତ ନିଷ୍ପତ୍ତି ବିନା ସମଗ୍ର ଅଞ୍ଚଳରେ ଜମି ଅଧିଗ୍ରହଣ ସମେତ ପ୍ରକଳ୍ପ ସମ୍ବନ୍ଧୀୟ କାର୍ଯ୍ୟ ବନ୍ଦ କରିବା ।**
**୪. ଗ୍ରାମସଭାର ଅନୁମୋଦନ ଆଧାରରେ ହିଁ ପୁଲିସର ନିୟୋଜନ ।**
**୫. ହଇରାଣ ହରକତ, ଅଟକ ଓ ଗିରଫ ପାଇଁ ଦାୟୀ ଅଧିକାରୀମାନଙ୍କ ବିରୁଦ୍ଧରେ ଅନୁସନ୍ଧାନ ।**
**୬. ଗାଁମାନଙ୍କରେ କମ୍ପାନୀ କର୍ମଚାରୀମାନଙ୍କ ଉପସ୍ଥିତି ବାରଣ ।**

**ଅଧିକ ସୂଚନା ନିମନ୍ତେ:**
ବିଶ୍ୱପ୍ରିୟ କାନୁନ୍‌ଗୋ – ୯୮୬୧୩୯୨୦୨୧
ନରେନ୍ଦ୍ର ମହାନ୍ତି – ୯୪୩୭୪୨୬୬୪୭
ଐଶ୍ୱରାୟ ରବିକୁମାର – ୯୯୦୦୦୪୭୭୪୪